

ଶ୍ରୀ ଶ୍ରୀ ବଜ୍ରମହାକାଳୀ ସଂସ୍କୃତିକ ପରିଷଦ
(ଓଡିଶା ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ)
ସା : ପଳସୁଧା, ପୋ : ଲଙ୍କାପଡା, ଜି: କେନ୍ଦ୍ରାପଡା
ନି.ସଂ : ୧୪୫୮୧/୧୪୨୫



ଆନନ୍ଦ ଓ ଅଭିପ୍ସାର ଆନୟନ

ଅଙ୍କୁରାୟନ - ୨୦୦୮

ଏକ ଓଡିଶା ବନ୍ଧୁ ଉପକ୍ରମ

ଚିଠି ସଂଖ୍ୟା..... ତାରିଖ .....

ମହାଶୟ,

ପରିବର୍ତ୍ତିତ ତଥା ବର୍ଦ୍ଧିତ ଉତ୍ତାପରେ ବିମୁଢ଼ ଏକବିଂଶ ଶତାବ୍ଦୀର ଯାନ୍ତ୍ରିକ ମଣିଷ ! ସମାଧାନ ଭାବେ ଶଶବ୍ଦେ ଉପସ୍ଥାପିତ ବିକଳ୍ପମାନ ପ୍ରାୟତଃ ବିଡମ୍ବନା। ମାଟିତଳୁ ପାଣି ସରୁଚି- କୂଅର ଗଭୀରତା ବଢ଼େଇଦିଅ। ଉତ୍ତାପବଢୁଚି - ଶୀତତାପ ନିୟନ୍ତ୍ରକ ଲଗେଇଦିଅ। ଅଙ୍ଗାରକାମ୍ଳ ବିଷ ପବନରେ ବଢୁଛି - ମୁଖା ଲଗାଅ। ଅପରାଧ ବଢୁଚି - ଥାନା ସଂଖ୍ୟାବଢ଼ାଇ ଦିଅ। ଏସବୁ ଏକ ସ୍ଥାୟୀ ସମାଧାନର କାମଚଳା ବିକଳ୍ପ ମାତ୍ର। ସ୍ଥାୟୀ ସମାଧାନ; ଗଛଟିଏ ଲାଗୁ, ମଣିଷକୁ ଖାଲି ପ୍ରାଚୁର୍ଯ୍ୟ ନୁହେଁ ପ୍ରଶାନ୍ତି ମିଳୁ, କଡା ଆଇନ ନୁହେଁ, ସମ୍ଭ୍ରମବୋଧର ଉଦ୍ରେକ ହେଉ। ଭୌତିକବାଦୀ ଚାକଚକ୍ୟରୁ ଉତ୍ତୀର୍ଣ୍ଣ ହୋଇ ଯେଉଁ ମସ୍ତିଷ୍କରୁ ଜନ୍ମନେବେ ଏ ସବୁ ମହତ୍ତର ତଥା ପୂର୍ଣ୍ଣାଙ୍ଗ ପ୍ରତିକାର, ଯେଉଁ ହାତରେ ରୂପାୟିତ ହେବ ଏହା, ସେଇମାନଙ୍କୁ ଆବିଷ୍କାର ଓ ସ୍ୱୀକୃତି ଦେବା ଲୋଡା। ଏ ଦିଗରେ "ଅଙ୍କୁରାୟନ" ଗୋଟିଏ ବିନମ୍ର ତଥା ବିଶେଷ ପ୍ରୟାସ।

ଚଳିତ ବର୍ଷ ପରିଷଦ ତାର ୪୪ ତମ ବାର୍ଷିକୋତ୍ସବ ପାଳନ ଅବକାଶରେ, 'ଓଡିଶା ବନ୍ଧୁ' ଆୟୋଜନ କରୁଛି ୪୪ ତମ କିଶୋର ପ୍ରତିଭା ଉତ୍ସବ 'ଅଙ୍କୁରାୟନ - ୨୦୦୮'। ପରବର୍ତ୍ତୀ ପୃଷ୍ଠାରେ 'ଅଙ୍କୁରାୟନ - ୨୦୦୮'ର ସବିଶେଷ ବିବରଣୀ ପ୍ରଦାନ କରାଗଲା।

'ଅଙ୍କୁରାୟନ - ୨୦୦୮'ର ସଫଳତା ପାଇଁ ଆପଣଙ୍କ ବିଦ୍ୟାଳୟର ପ୍ରତିଭା ସମ୍ପଣ୍ଣ ଛାତ୍ରଛାତ୍ରୀ ମାନଙ୍କ ଯୋଗଦାନ କାମନା କରୁଛୁ।

ନବବର୍ଷ - ୨୦୦୮
ପଳସୁଧା

ଆପଣଙ୍କର ବିଶ୍ୱସ୍ତ

ନିୟମାବଳୀ

୧. ପ୍ରତିଯୋଗିତାରେ ଭାଗନେବା ପାଇଁ ସମ୍ପୃକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ଜରିଆରେ ଛାତ୍ର ଛାତ୍ରୀମାନଙ୍କର ନାମ ପ୍ରବେଶିକା ଦେୟସହ (ପ୍ରତ୍ୟେକ ପ୍ରତିଗୋଗିତା ପାଇଁ ୪ଟଙ୍କା, ୨ରୁ ଅଧିକ ପ୍ରତିଯୋଗିତା ପାଇଁ ୧୦ଟଙ୍କା), 'ଓଡିଶା ବନ୍ଧୁ' କାର୍ଯ୍ୟାଳୟ, ସ୍ଥାନ : ପଳସୁଧା ମକର ପଡିଆଠାରେ ତାରିଖ ୧୫.୦୧.୨୦୦୮ ସଂନ୍ଧ୍ୟା ୬ଘଟିକା ମଧ୍ୟରେ ପହଞ୍ଚିବା ବିଧେୟ। ଏହି ସମୟପରେ କୌଣସି ପରିସ୍ଥିତିରେ ପ୍ରତିଯୋଗୀଙ୍କ ନାମ ଗ୍ରହଣ କରାଯିବ ନାହିଁ।

୨. ପ୍ରତିଯୋଗିତା ଗୁଡିକ ଓଡିଶା ବନ୍ଧୁ କାର୍ଯ୍ୟାଳୟ, ସ୍ଥାନ : ମକର ପଡିଆ ରେ ଅନୁଷ୍ଠିତ ହେବ। ପ୍ରତିଯୋଗୀମାନେ ନିର୍ଦ୍ଦିଷ୍ଟ ସମୟର ଏକ ଘଣ୍ଟା ପୂର୍ବରୁ ପ୍ରତିଯୋଗିତା ସ୍ଥାନରେ ପହଞ୍ଚିବା ଆବଶ୍ୟକ। ସମସ୍ତ ପ୍ରତିଯୋଗୀ ଶୃଙ୍ଖଳା ରକ୍ଷାକରିବା ଅଙ୍କୁରାୟନ - ୨୦୦୮ର ଏକ ବିଶେଷ ଆବଶ୍ୟକତା।

୩. ଦୌଡିଡିଆଁ, ଝୋଟି (ଚିତା), ଇନ୍ଦ୍ରଧନୁ (ଚିତ୍ରାଙ୍କନ) ଓ ସଙ୍ଗୀତ ପ୍ରତିଯୋଗୀ ସାଥିରେ ଯଥାକ୍ରମେ ଦଉଡି, ଝୋଟି ଚିତାପକା ଉପକରଣ, ରଙ୍ଗତୂଳୀ ବା ସ୍କେଚ୍‌ପେନ୍ ଏବଂ ବାଦ୍ୟଯନ୍ତ୍ର ଆଣିବେ। ଇନ୍ଦ୍ରଧନୁ ପ୍ରତିଯୋଗୀମାନଙ୍କୁ କେବଳ କାଗଜ ଯୋଗାଇ ଦିଆଯିବ।

୪. ଜ୍ଞାନ ସିନ୍ଧୁକ ଓ ଜ୍ଞାନ କୁମ୍ଭି (ସାଧାରଣ ଜ୍ଞାନ) ପ୍ରତିଯୋଗିତାରେ ଭାଗନେଇଥିବା ପ୍ରତିଯୋଗୀଙ୍କୁ ପ୍ରଶ୍ନପତ୍ର ଯୋଗାଇ ଦିଆଯିବ ଏବଂ ସେମାନଙ୍କୁ ପ୍ରଶ୍ନପତ୍ରରେ ଉତ୍ତର (ଅର୍ଥାତ୍ ପ୍ରଶ୍ନର ତଳେ ଦିଆଯାଇଥିବା ଉତ୍ତର ମଧ୍ୟରୁ ସଠିକ୍ ଉତ୍ତରର ଡାହାଣ ପାର୍ଶ୍ୱରେ ଥିବା କୋଠରୀରେ ଠିକ୍ ଚିହ୍ନ ମାରିବାକୁ ହେବ) ଲେଖିବାକୁ ହେବ।

୫. ମହକ (ସାମଗ୍ରିକ ସାମ୍ଭାବ୍ୟ ଆକଳନ) ପ୍ରତିଯୋଗିତାରେ ୮ମରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ଭାଗ ନେଇପାରିବେ। ପ୍ରତ୍ୟେକ ପ୍ରତିଯୋଗୀଙ୍କୁ ବିଚାରପତିଙ୍କ ଗୋଟିଏ ଅକୃତ୍ରିମ ପରିବେଶରେ ଭାବ ବିନିମୟ କରିବାର ସୁଯୋଗ ଦିଆଯିବ। କେବଳ ମହକ ପାଇଁ ବିଗତବର୍ଷର ବିଜେତା ଏଇ ବର୍ଷ ଭାଗନେବା ନିରର୍ଥକ ଅର୍ଥାତ୍ ସେମାନେ ଭାଗନେଇ ପାରିବେ ନାହିଁ। ମହକରେ କେବଳ ଗୋଟିଏ ପୁରସ୍କାର ଦିଆଯିବ।

୬. ସୃଜନିକା ପ୍ରତିଯୋଗିତାରେ ୮ମ ରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ଭାଗନେଇପାରିବେ। ପ୍ରତିଯୋଗୀମାନଙ୍କୁ କାଗଜ ଯୋଗାଇ ଦିଆଯିବ। ଛାତ୍ରଛାତ୍ରୀ ନିହାତି ସ୍ୱାଭାବିକ ଓ ପ୍ରାକୃତିକ ଭାବରେ ଆପଣାଛାଏଁ ଯେଉଁ ପ୍ରସଙ୍ଗ ଗୁଡିକ ସହ ଅନ୍ତରଙ୍ଗ ଥାଏ, ସେହିପରି ଗୋଟିଏ ପ୍ରସଙ୍ଗ ଉପରେ ତାକୁ ୩୦ ରୁ ୫୦ଟି ବାକ୍ୟରେ ୧ଘଣ୍ଟା ମଧ୍ୟରେ ଲେଖିବାକୁ ହେବ। ଲେଖାରେ ଶବ୍ଦ ସଂଯୋଜନା ବା ଉପସ୍ଥାପନ ଶୈଳୀ ବ୍ୟତିରକେ ପ୍ରସଙ୍ଗଟି ସହ ପ୍ରତିଯୋଗୀର ଘନିଷ୍ଠତା ମଧ୍ୟ ବିଚାର୍ଯ୍ୟ। ଭବିଷ୍ୟତରେ ଏହି ଲେଖାମାନଙ୍କ ମଧ୍ୟରୁ କିଛି ନିର୍ବାଚିତ ଲେଖା ପ୍ରକାଶିତ ହୋଇପାରେ।

୭. ବକ୍ତୃତାର (କନିଷ୍ଠ) ବିଷୟବସ୍ତୁ ୧ ଘଣ୍ଟା ପୂର୍ବରୁ ଓ ଅପ୍ରସ୍ତୁତ ବକ୍ତୃତାର (ବରିଷ୍ଠ) ବିଷୟବସ୍ତୁ ୫ ମିନିଟ ପୂର୍ବରୁ ଜଣାଇ ଦିଆଯିବ।

୮. ଯେଉଁ କନିଷ୍ଠ ଓ ବରିଷ୍ଠ ବିଭାଗର ପ୍ରତିଯୋଗୀ ସର୍ବାଧିକ ପ୍ରତିଯୋଗିତାରେ ପୁରସ୍କୃତ ହେବେ ତାଙ୍କୁ ଯଥାକ୍ରମେ "ଓଡିଶା ବନ୍ଧୁ ପ୍ରତିଭା" ଓ "ମକର ପ୍ରତିଭା" ଭାବେ ସମ୍ମାନିତ କରାଯିବ।

୯. ଯେଉଁ ବିଦ୍ୟାଳୟର ଛାତ୍ରଛାତ୍ରୀ ସର୍ବାଧିକ ପୁରସ୍କାର ପାଇବାର ଯୋଗ୍ୟ ହେବେ, ସେହି ବିଦ୍ୟାଳୟର ସମ୍ମାନାର୍ଥେ, ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କୁ "ମକର ଗୌରବ ବିଦ୍ୟାଳୟ" ଭାବେ ସମ୍ମାନିତ କରାଯିବ।

୧୦. କେବଳ ପ୍ରତିଯୋଗୀ, ଶିକ୍ଷକ ପ୍ରତିନିଧି ଓ ସ୍ୱଚ୍ଛାସେବକ ମାନଙ୍କ ପାଇଁ ମଧ୍ୟାହ୍ନ ଭୋଜନର ବ୍ୟବସ୍ଥା କରାଯାଉଛି।

୧୧. ପ୍ରତିଯୋଗିତା ସମ୍ପର୍କୀୟ ସମସ୍ତ ବିଷୟରେ 'ଓଡିଶା ବନ୍ଧୁ'ର ନିଷ୍ପତ୍ତି ହିଁ ଚୂଡାନ୍ତ।

୧୨. ୧୯ ତାରିଖ (ଶନିବାର) ପୁରସ୍କାର ବିତରଣ ଉତ୍ସବରେ ଉପସ୍ଥିତରହିବାକୁ ଛାତ୍ରଛାତ୍ରୀ ଓ ଶିକ୍ଷକମାନଙ୍କୁ ବିଶେଷ ଅନୁରୋଧ। ପରେ ପୁରସ୍କାର ବିତରଣ କରିବାର ବ୍ୟବସ୍ଥା ନାହିଁ।

୧୩. ଅଙ୍କୁରାୟନର ସୁପରିଚାଳନା ନିମନ୍ତେ ସେବା ମନୋବୃତ୍ତି ଥିବା ଛାତ୍ରଛାତ୍ରୀ (ଅନ୍ତତଃ ପକ୍ଷେ ଜଣେ)ଙ୍କୁ ଅନୁମୋଦନ କରିବା ପାଇଁ ଅନୁରୋଧ। ଦକ୍ଷ ସ୍ୱଚ୍ଛାସେବକଙ୍କ ଯଥାର୍ଥ ସ୍ୱୀକୃତି ଦିଆଯିବ।

୧୪. ଗୋଟିଏ ନିର୍ଦ୍ଦିଷ୍ଟ ପ୍ରତିଯୋଗିତା ପାଇଁ ଗୋଟିଏ ବିଦ୍ୟାଳୟରୁ ସର୍ବାଧିକ ୩ଜଣ ଭାଗନେଇପାରିବେ।

୧୫. ଜଣେ ପ୍ରତିଯୋଗୀ ସର୍ବାଧିକ ୪ଟି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିପାରିବେ।

୧୬. ପଠନ ପ୍ରତିଯୋଗିତା ପାଇଁ ପ୍ରତିଯୋଗୀମାନେ ନିଜ ନିଜର ସ୍ୱନିର୍ବାଚିତ ଲେଖାମାନ ପଠନ ବା ଆବୃତି କରିପାରିବେ। ଏହି ବିଭାଗରେ ପ୍ରତି ଭାଷା ପାଇଁ ଗୋଟିଏ ଗୋଟିଏ ପୁରସ୍କାର ଦିଆଯିବ।

ଅଙ୍କୁରାୟନ ୨୦୦୮ କାର୍ଯ୍ୟକ୍ରମ

ତାରିଖ	କାର୍ଯ୍ୟକ୍ରମ	କେଉଁମାନେ ଭାଗନେବେ	ସମୟ
୧୬.୦୧.୨୦୦୮	୧୦୦ ମିଟର ଦୌଡ	୮ମରୁ ୧୦ମ ଶ୍ରେଣୀ ଛାତ୍ର	ପୂ:୯.୩୦ ଘଟିକା ରୁ ପୂ:୧୧ଘଟିକା
ବୁଧବାର	ଲମ୍ଫଡିଆଁ	୫ମରୁ ୭ମ ଶ୍ରେଣୀ ଛାତ୍ରୀ	ପୂ:୯.୩୦ଘଟିକାରୁ ପୂ:୧୧ଘଟିକା
	୧୦୦ ମିଟର ଦୌଡ	୫ମରୁ ୭ମ ଶ୍ରେଣୀ ଛାତ୍ର	ପୂ:୧୧ ଘଟିକା ରୁ ଅ:୧ଘଟିକା
	ଲମ୍ଫଡିଆଁ	୮ମରୁ ୧୦ମ ଶ୍ରେଣୀ ଛାତ୍ରୀ	ପୂ:୧୧ଘଟିକାରୁ ଅ:୧ଘଟିକା
	ମଧ୍ୟାନ୍ତର		ଅ.୧ଘଟିକା ରୁ ଅ:୨ ଘଟିକା
	ଝୋଟିଚିତା	୫ମ ରୁ ୧୦ ମ ଶ୍ରେଣୀ ଛାତ୍ରୀ	ଅ:୨ଘଟିକା ରୁ ଅ:୩ ଘଟିକା
	ଦଉଡିଡିଆଁ	୫ମ ରୁ ୭ମ ଶ୍ରେଣୀ ଛାତ୍ରୀ	ଅ:୩ଘଟିକାରୁ ଅ:୪ଘଟିକା
	ଦଉଡିଡିଆଁ	୮ମରୁ ୧୦ମ ଶ୍ରେଣୀ ଛାତ୍ରୀ	ଅ:୩ଘଟିକାରୁ ଅ:୪ଘଟିକା
୧୭.୦୧.୨୦୦୮	୧୦୦ ମିଟର ଦୌଡ	୮ମରୁ ୧୦ମ ଶ୍ରେଣୀ ଛାତ୍ରୀ	ପୂ:୯.୩୦ ଘଟିକା ରୁ ପୂ:୧୧ଘଟିକା
ଗୁରୁବାର	ଲମ୍ଫଡିଆଁ	୫ମରୁ ୭ମ ଶ୍ରେଣୀ ଛାତ୍ର	ପୂ:୯.୩୦ଘଟିକାରୁ ପୂ:୧୧ଘଟିକା
	୧୦୦ ମିଟର ଦୌଡ	୫ମରୁ ୭ମ ଶ୍ରେଣୀ ଛାତ୍ରୀ	ପୂ:୧୧ ଘଟିକା ରୁ ଅ:୧ଘଟିକା
	ଲମ୍ଫଡିଆଁ	୮ମରୁ ୧୦ମ ଶ୍ରେଣୀ ଛାତ୍ର	ପୂ:୧୧ଘଟିକାରୁ ଅ:୧ଘଟିକା
	ମଧ୍ୟାନ୍ତର		ଅ.୧ଘଟିକା ରୁ ଅ:୨ ଘଟିକା
	ଜ୍ଞାନ ସିନ୍ଧୁକ (ସାଧାରଣ ଜ୍ଞାନ)	୮ମ ରୁ ୧୦ ମ ଶ୍ରେଣୀ ଛାତ୍ର/ଛାତ୍ରୀ	ଅ:୨ଘଟିକା ରୁ ଅ:୩ ଘଟିକା
	ଜ୍ଞାନ କୁମ୍ଭି (ସାଧାରଣ ଜ୍ଞାନ)	୫ମ ରୁ ୭ମ ଶ୍ରେଣୀ ଛାତ୍ର/ଛାତ୍ରୀ	ଅ:୨ ଘଟିକାରୁ ଅ:୩ଘଟିକା
	ଅପ୍ରସ୍ତୁତ ବକ୍ତୃତା	୮ମରୁ ୧୦ମ ଶ୍ରେଣୀ ଛାତ୍ର/ଛାତ୍ରୀ	ଅ:୩ ଘଟିକାରୁ ଅ:୪ ଘଟିକା
	ବକ୍ତୃତା	୫ମରୁ ୭ମ ଶ୍ରେଣୀ ଛାତ୍ର/ଛାତ୍ରୀ	ଅ:୪ ଘଟିକା ରୁ ଅ:୫ ଘଟିକା
	ସଙ୍ଗୀତ	ସର୍ବସାଧାରଣ	ସନ୍ଧ୍ୟା ୬ ଘଟିକା
୧୮.୦୧.୨୦୦୭	ମହକ	୮ମ ରୁ ୧୦ମ ଶ୍ରେଣୀ ଛାତ୍ର/ ଛାତ୍ରୀ	ପୂ:୯.୩୦ ଘଟିକା ରୁ ଅ:୧୧ଘଟିକା
ଶୁକ୍ରବାର	ଇନ୍ଦ୍ରଧନୁ (ଚିତ୍ରାଙ୍କନ)	୮ମ ରୁ ୧୦ମ ଶ୍ରେଣୀ ଛାତ୍ର/ଛାତ୍ରୀ	ପୂ:୯.୩୦ ଘଟିକା ରୁ ପୂ :୧୧ ଘଟିକା
	ଇନ୍ଦ୍ରଧନୁ (ଚିତ୍ରାଙ୍କନ)	୫ମ ରୁ ୭ମ ଶ୍ରେଣୀ ଛାତ୍ର/ଛାତ୍ରୀ	ପୂ:୯.୩୦ ଘଟିକା ରୁ ପୂ :୧୧ ଘଟିକା
	ପୁଚି	୩ୟ ରୁ ୫ମ ଶ୍ରେଣୀ ଛାତ୍ରୀ	ପୂ:୧୧ଘଟିକା ରୁ ଅପରାହ୍ନ ୧ଘଟିକା
	ମଧ୍ୟାନ୍ତର		ଅ:୧ ଘଟିକା ରୁ ଅ:୨ଘଟିକା
	ସୃଜନିକା	୭ମ ରୁ ୧୦ମ ଶ୍ରେଣୀ ଛାତ୍ର/ଛାତ୍ରୀ	ଅ:୨ ଘଟିକା ରୁ ଅ:୩ ଘଟିକା
	ପଠନ (ଆବୃତ୍ତି) (ସଂସ୍କୃତ/ଇଂରାଜୀ/ଉର୍ଦ୍ଦୁ)	୭ମ ରୁ ୧୦ମ ଶ୍ରେଣୀ ଛାତ୍ର/ଛାତ୍ରୀ	ଅ:୩ଘଟିକାରୁ ଅ:୪ ଘଟିକା
	କୌତୁକ ପୋଷାକ	୧ମରୁ ୧୦ମ ଶ୍ରେଣୀ ଛାତ୍ର/ଛାତ୍ରୀ	ଅ:୪ଘଟିକାରୁ ଅ:୫ଘଟିକା

ଶାନ୍ତିପାଠ, ମହାମୃତ୍ୟୁଞ୍ଜୟ ମନ୍ତ୍ର - ପ୍ରତିଦିନ ସକାଳ ୯ରୁ ୯.୩୦